The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 306 CUTTACK, MONDAY, FEBRUARY 12, 2024/MAGHA 23, 1945**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

**S.R.O. No. 76**/2024 Dated 19-12-2023

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ମୟୂରଭଞ୍ଜ ଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

**୧**. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ , ମୟୂରଭଞ୍ଜ (ରାସ୍ତା ଏବଂ ଗୃହ) ବିଭାଜନ, ବାରିପଦା।

**୨**.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ବାରିପଦା-ମୋରଡା ରାଜ୍ୟ ରାଜପଥ-୧୬ ରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନା ର ଟିଚିଙ୍ଗ ହସ୍ପିଟାଲ କୁ ରାସ୍ତା ନିର୍ମାଣ ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ: M/s SRUSTI, Khordha(O) under Nabakrushna Choudhury Centre for Development Studies, Bhubaneswar.

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674, 2300471, 2301094

**୫**. ପ୍ରକଳ୍ପ ପାଇଁ ମୟୂରଭଞ୍ଜ ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ଜିଲ୍ଲା | ତହସିଲ | ଗ୍ରାମ | ବେସରକାରୀ ଜମି |
|---|---|---|---|---|
| ୧ | ମୟୂରଭଞ୍ଜ | ବାରିପଦା | ଶଙ୍ଖାଭଙ୍ଗା | ୦.୫୪ |
| | | | **ସର୍ବମୋଟ** | **୦.୫୪** |

- ଏଥି ସହିତ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଛି ।

a. **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ** :- ମୟୂରଭଞ୍ଜ ଜିଲ୍ଲା ବିଜାତଳା ତହସିଲ ଅନ୍ତର୍ଗତ ଏକ ଗୋଟି ମୌଜା(ଶଙ୍ଖାଭଙ୍ଗା)ରେ ଏ. **୦.୫୪** ପରିସୀମାରେ ବାରିପଦା-ମୋରଡା ରାଜ୍ୟ ରାଜପଥ-୧୬ ରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନା ର ଟିଚିଙ୍ଗ ହସ୍ପିଟାଲ କୁ ରାସ୍ତା ନିର୍ମାଣ ନିମନ୍ତେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ , ମୟୂରଭଞ୍ଜ (ରାସ୍ତା ଏବଂ ଗୃହ) ବିଭାଜନ, ବାରିପଦା ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- ମୟୂରଭଞ୍ଜ ଜିଲ୍ଲା ରେ ଉପରୋକ୍ତ ମୌଜା ରେ **ଏକର ୦.୫୪** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c. **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି** ? ଯଦି ଏହି ଅଧିଗ୍ରହଣ ଘରୋଇ କମ୍ପାନୀଙ୍କ ପାଇଁ ହେଉଥାଏ ତେବେ ୮୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ଏବଂ ଯଦି ସରକାରୀ ବେସରକାରୀ ଭାଗିଦାରୀ ପ୍ରକଳ୍ପ ନିମନ୍ତେ ଏହି ଅଧିଗ୍ରହଣ ହେଉଥାଏ ତେବେ ୭୦ ପ୍ରତିଶତ ପ୍ରଭାବିତ ପରିବାରଙ୍କ ପୂର୍ବସମ୍ମତି ଆବଶ୍ୟକ ପଡ଼ିବ ।

d. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଦ୍ରଷ୍ଟବ୍ୟ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୩୦ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

## ଭୂମି ଅନୁସୂଚୀ(ବେସରକାରୀ)

**ପ୍ରକଳ୍ପ ନାମ-Construction of 4 laning road and drainage to teaching Hospital of Pandit Raghunath Murmu Medical College & Hospital, Rangamatia, Baripada**

**ମୌଜା-ଶଙ୍ଖାଭଙ୍ଗା**

**ତହସିଲ-ବାରିପଦା**

**ଜିଲ୍ଲା-ମୟୁରଭଞ୍ଜ**

| ଜିଲ୍ଲା ର ନାମ | ତହସିଲର ନାମ | ଗ୍ରାମ ର ନାମ | ଖାତା ନଂ | ପ୍ଲଟ ନଂ | ଜମିର ପ୍ରକାର | ଜମିର କିସମ | ଅଧିଗ୍ରହଣ ଜମିର ରକବା | ଜମିର ମାଲିକ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବାରିପଦା | ଶଙ୍ଖାଭଙ୍ଗା | ୨୧ | ୩୯/୬୯୧ | ବେସରକାରି | ଡାହି-୨ | ଏ.୦.୫୪ | ଯଦୁନାଥ ସୋରେନ ପି-ମେଘରାୟ ସୋରେନ ବା-ଶଙ୍ଖାଭଙ୍ଗା |

[No. 44381—RDM-LAA-MBJ-0021/2023-R&DM]

ରାଜ୍ୟପାଳଙ୍କ ଆଦେଶାନୁସାରେ
ଶ୍ରୀକାନ୍ତ ତରାଇ
ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2516—173+0